## ରାଷ୍ଟ୍ରୀୟ ଲୋକ ଅଦାଲତ, ୧୦ହଜାରରୁ ଊର୍ଦ୍ଧ୍ୱ ମାମଲାର ଫୈସଲା

# ୫୫କୋଟି ୯୯ଲକ୍ଷ କ୍ଷତିପୂରଣ ଆଦାୟ

କଟକ (ସ.ବ୍ୟୁ): ଚଳିତ ବର୍ଷର ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ ଆଜି ରାଜ୍ୟର ବିଭିନ୍ନ ଜିଲ୍ଲା ଏବଂ ତାଲୁକ ସ୍ତରରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୋଟ ୯୯ହଜାର ୩୭୪ଟି ମାମଲା ବିଚାର ପାଇଁ ଦାଖଲ ହୋଇଥିଲା । ସେଥିମଧ୍ୟରୁ ୧୦ହଜାର ୧୦୨ଟି ମାମଲାର ଆପୋଷ ସମାଧାନ କରାଯାଇ କ୍ଷତିପୂରଣ ବାବଦକୁ ୫୫କୋଟି ୯୮ଲକ୍ଷ ୯୨ହଜାର ୬୯୦ଟଙ୍କା ଦେବାକୁ ନିର୍ଦ୍ଦେଶ ଦିଆଯାଇଛି । ଏହି ଲୋକ ଅଦାଲତରେ ପ୍ରାକ୍ ବିଚାର ସମ୍ବନ୍ଧୀୟ ୫୨୬୪୫ ମାମଲାର ଶୁଣାଣି ପାଇଁ ଗ୍ରହଣ କରାଯାଇଥିଲାବେଳେ ଏଥିମଧ୍ୟରୁ ୨୭୩୮ ଟି ମାମଲାର ସମାଧାନ ହୋଇଥିଲା। ଏଥିରେ ବ୍ୟାଙ୍କ ରିକଭରି ୫୧୮୧୬ଟିରୁ ୨୫୫୫ଟି ଫୈସଲା କରାଯାଇ କ୍ଷତିପୂରଣ ବାବଦକୁ ୧୦କୋଟି ୩୮ ଲକ୍ଷ ୩୮ ୬୬ ଟଙ୍କା ଆଦାୟ ହୋଇଥିଲା । ବିଦ୍ୟୁତ୍ ଜନିତ ୧୧ଟି ମାମଲା ଶୁଣାଣି ପାଇଁ ନିଆଯାଇଥିଲାବେଳେ ଏଥିମଧ୍ୟରୁ ୧ଟି ସମାଧାନ ହୋଇଥିଲା ବେଳେ କ୍ଷତିପୂରଣ ବାବଦକୁ ୧ଲକ୍ଷ ୫୯ହଜାର ୭୨୦ଟଙ୍କା ଆଦାୟ ପାଇଁ ନିର୍ଦ୍ଦେଶ ଦିଆଯାଇଛି । ପାଣି ବିଲ୍ ସମ୍ବନ୍ଧୀୟ ୭୦ଟି ନିଆଯାଇଥିଲାବେଳେ ଏଥିମଧ୍ୟରୁ ୬ଟି ସମାଧାନ କରାଯାଇ କ୍ଷତିପୂରଣ ବାବଦକୁ ୨ଲକ୍ଷ ୪ହଜାର ୭୫୨ ଆଦାୟ ହୋଇଛି । ଅନ୍ୟାନ୍ୟ ଫୌଜଦାରୀ ବିଚାର ସମ୍ବନ୍ଧୀୟ ୮୪୯ଟି ମାମଲାରୁ ୧୭୬୨ ସମାଧାନ କରାଯାଇ କ୍ଷତିପୂରଣ ବାବଦକୁ ୨୦ଲକ୍ଷ ୯୦ହଜାର ୨୯୨ ଆଦାୟ ହୋଇଛି । ସେହିଭଳି ୪୫ ହଜାର ୬୮୭ଟି ପଡ଼ିରହିଥିବା ମାମଲା(ପେଣ୍ଡିଂ କେସ୍) ଶୁଣାଣି ପାଇଁ ନିଆଯାଇଥିଲାବେଳେ ଏଥିମଧ୍ୟରୁ



୭୨୬୬ ମାମଲାର ସମାଧାନ କରାଯାଇ କ୍ଷତିପୂରଣ ବାବଦକୁ ୪୦କୋଟି ୭୪ଲକ୍ଷ ୬୦ ଟଙ୍କା । କ୍ଷତିପୂରଣ ଆଦାୟ ହୋଇଛି ବୋଲି ଆଇନ ସେବା ପ୍ରାଧିକରଣ ସଦସ୍ୟ ସଚିବ ମୀନାକ୍ଷୀ ଦାସ ସୂଚନା ଦେଇଛନ୍ତି । ଏହି ପେଣ୍ଡିଂ କେସ୍ ମଧ୍ୟରୁ ଫୌଜଦାରୀ ୪୨୨୨ମଧ୍ୟରୁ ୨୪୮, ଚେକ୍ ବାଉନ୍ସ ୭୪୪୧ ମଧ୍ୟରୁ ୪୯୫, ବ୍ୟାଙ୍କ ରିକଭରି ୬୭୬୯ ମଧ୍ୟରୁ ୬୦୭, ମୋଟର ଦୁର୍ଘଟଣା ୫୧୬୭ ମଧ୍ୟରୁ ୬୬୧, ଲେବର ବିବାଦରୁ ୧୨୦ରୁ ୪ଟି ସମାଧାନ ହୋଇଛି । ବିଦ୍ୟୁତ୍ ବିଲ ସମ୍ବନ୍ଧୀୟ ମାମଲାରେ ୩୭୮ରୁ ୨୮, ବୈବାହିକ ଗଣ୍ଡଗୋଳ ୨୩୫୮ରୁ ୩୩୩ର ସମାଧାନ ହୋଇଛି । ସେହିପରି ଜମି ଅଧିଗ୍ରହଣ ୫୯୪ରୁ ୪୧, ଅନ୍ୟାନ୍ୟ ଦେୱାନୀ ବିବାଦ ୩୯୯୩ରୁ ୭୫୨, ଅନ୍ୟାନ୍ୟ ଫୌଜଦାରୀ ବିବାଦ ୧୪୭୫୪ ରୁ ୪୦୯୬ ମାମଲାର ଆପୋଷ ସମାଧାନ କରାଯାଇଥିବା ରାଜ୍ୟ ଆଇନସେବା ପ୍ରାଧିକରଣର ସଦସ୍ୟ ସଚିବ ଶ୍ରୀମତୀ ଦାସ ସୂଚନା ଦେଇଛନ୍ତି । ଏହାବ୍ୟତୀତ ହାଇକୋର୍ଟରେ ବିଚାର ହୋଇ ଆପୋଷ ସମାଧାନ ହୋଇଥିବା ମାମଲା ମଧ୍ୟରେ ଟ୍ରିବ୍ୟୁନାଲ କମ୍ପେନସେସନ ମାମଲା ୩୩ ମଧ୍ୟରୁ ୫ଟି, ମୋଟର ଦୁର୍ଘଟଣା ଜନିତ ୭୧୨ରୁ ୮୮ଟି, ବ୍ୟାଙ୍କ ସମ୍ବନ୍ଧୀୟ ୭୬ରୁ ୪ଟି, ବିଦ୍ୟୁତ ଜନିତ ୭ଟିରୁ ୧ଟି, ଶିକ୍ଷା ୭ଟିରୁ ୧ଟିର ଫୈସଲା ହୋଇଛି । ସେବେ ଜମି ଅଧିଗ୍ରହଣ ୭ଟି, ଚାକିରୀ ସମ୍ବନ୍ଧୀୟ ୧ଟି ଓ ବୈବାହିକ ସମ୍ବନ୍ଧୀୟ ୧ଟି ମାମଲା ମଧ୍ୟରୁ କୌଣସିଟିର ମଧ୍ୟ ସମାଧାନ ହୋଇପାରିନାହିଁ । ଓଡ଼ିଶା ରାଜ୍ୟ ଆଇନସେବା ପ୍ରାଧିକରଣର ମୁଖ୍ୟ ପୃଷ୍ଠପୋଷକ ତଥା କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ କାର୍ଯ୍ୟକାରୀ ମୁଖ୍ୟ ବିଚାରପତି କୁମାରୀ ସଞ୍ଜୁ ପଣ୍ଡା, ହାଇକୋର୍ଟ ଆଇନସେବା କମିଟି ଅଧ୍ୟକ୍ଷ ଜଷ୍ଟିସ ସି.ଆର.ଦାଶଙ୍କ ମାର୍ଗଦର୍ଶନରେ ଏହି ଲୋକ ଅଦାଲତ ଅନୁଷ୍ଠିତ ହୋଇଛି । ହାଇକୋର୍ଟ ଆଇନସେବା କମିଟି ଆନୁକୂଲ୍ୟରେ ଅନୁଷ୍ଠିତ ଏହି ଲୋକ ଅଦାଲତରେ ଜଷ୍ଟିସ ସଞ୍ଜୟ କୁମାର ମିଶ୍ର, ଜଷ୍ଟିସ ବିଶ୍ୱନାଥ ରଥ, ଜଷ୍ଟିସ ସଙ୍ଗମ କୁମାର ସାହୁ, ଜଷ୍ଟିସ କେ.ଆର.ମହାପାତ୍ର, ଜଷ୍ଟିସ ଅକ୍ଷୟ କୁମାର ମିଶ୍ର, ଜଷ୍ଟିସ ବିଲ୍ଲୁ ପ୍ରସାଦ ରାଉତରାୟ ପ୍ରମୁଖ ୯୮ଟି ମାମଲାର ଆପୋଷ ଫୈସଲା କରିଥିଲେ । ଆଜିର ଏହି ଲୋକ ଅଦାଲତକୁ ଆଇନସେବା ପ୍ରାଧିକରଣ ସଦସ୍ୟା ସଚିବ ମୀନାକ୍ଷୀ ଦାସ, ଉପସଚିବ ଦୀପକ ରଞ୍ଜନ ସାହୁ, ସହସଚିବ ରୂପ ପ୍ରକାଶ ନାୟକ, ଜିଲ୍ଲା ଅଧିକାରୀ କମଳାକାନ୍ତ ଭରଙ୍କ ସମେତ ଜିଲ୍ଲା ଓ ତାଲୁକ ସ୍ତରର ସମସ୍ତ ବିଚାର ବିଭାଗ ଅଧିକାରୀଗଣ ସହଯୋଗ କରିଥିଲେ ।